ଓଡ଼ିଶା ସରକାର

ବିଧି ବିଭାଗ

# ଗଞ୍ଜାମ କ୍ଷୁଦ୍ର ଧାରକ ଅନୁତୋଷ ଅଧିନିୟମ, ୧୯୪୭

# THE GANJAM SMALL HOLDERS RELIEF ACT, 1947

[ *Price—Re. 0·26 P.* ]

# ୧୯୪୭ର ଓଡ଼ିଶା ଅଧିନିୟମ ୩୦

## ଗଞ୍ଜାମ କ୍ଷୁଦ୍ର ଧାରକ ଅନୁତୋଷ ଅଧିନିୟମ, ୧୯୪୭

### ସୂଚୀପତ୍ର

ଉଦ୍ଦେଶିକା


| ଧାରା | ପୃଷ୍ଠା |
| --- | --- |
| ୧। ସଂକ୍ଷିପ୍ତ ନାମ ଓ ବିସ୍ତାର | ୧ |
| ୨। ସଂଜ୍ଞା | ୧ |
| ୩। ଭୂଧାରକ ଇତ୍ୟାଦିଙ୍କୁ ଶୋଧ୍ୟ ବକେୟା ରେଣ୍ଟର ସମସ୍ତ ଉନ୍ମୋଚନ | ୨-୪ |
| ୪। ଭୂଧାରକ ଭୂମି ସେସ୍ ଓ ଖର୍ଚ୍ଚ ଅସୁଲ କରିବାକୁ ହକ୍‌ଦାର ହେବେ | ୪ |
| ୫। କେତେକ କ୍ଷେତ୍ରରେ ରେଣ୍ଟ ନିମିତ୍ତ ବାଦ ଇତ୍ୟାଦି ନିମିତ୍ତ ପରିସୀମାର ବିସ୍ତାରଣ | ୪ |
| ୬। କେତେକ କ୍ଷେତ୍ରରେ ନ୍ୟାୟାଳୟର ନିର୍ଣ୍ଣୟ ଚୂଡ଼ାନ୍ତ ହେବ | ୫ |

# ୧୯୪୭ର ଓଡ଼ିଶା ଅଧିନିୟମ ୩୦

## ଗଞ୍ଜାମ କ୍ଷୁଦ୍ର ଧାରକ ଅନୁତୋଷ ଅଧିନିୟମ, ୧୯୪୭

( ୫ ଡିସେମ୍ବର ୧୯୪୭ )

ଓଡ଼ିଶା ରାଜ୍ୟରେ ଗଞ୍ଜାମ ଜିଲ୍ଲାରେ ଋଣୀ କ୍ଷୁଦ୍ର ଧାରକମାନଙ୍କ ନିମିତ୍ତ ଅସ୍ଥାୟୀ ଅନୁତୋଷର ବ୍ୟବସ୍ଥା କରିବା ନିମିତ୍ତ ଏକ ଅଧିନିୟମ, ଯେହେତୁ ଓଡ଼ିଶା ରାଜ୍ୟରେ ଗଞ୍ଜାମ ଜିଲ୍ଲାରେ ଋଣୀ କ୍ଷୁଦ୍ର ଧାରକମାନଙ୍କ ନିମିତ୍ତ ଅସ୍ଥାୟୀ ଅନୁତୋଷର ବ୍ୟବସ୍ଥା କରିବା ସମୀଚୀନ ; ଏତଦ୍ଦ୍ୱାରା ନିମ୍ନମତେ ଅଧିନିୟମିତ ହେଉଅଛି—

ସଂକ୍ଷିପ୍ତ ନାମ ଓ ବିସ୍ତାର ।

୧ । (୧) ଏହି ଅଧିନିୟମକୁ ଗଞ୍ଜାମ କ୍ଷୁଦ୍ର ଧାରକ ଅନୁତୋଷ ଅଧିନିୟମ, ୧୯୪୭ ବୋଲି ଯାଇପାରେ ।

(୨) ଏହା ଓଡ଼ିଶା ରାଜ୍ୟରେ ସମଗ୍ର ଗଞ୍ଜାମ ଜିଲ୍ଲାପ୍ରତି ବିସ୍ତୃତ ।

(୩) ଏହା ତୁରନ୍ତ ପ୍ରବୃତ୍ତ ହେବ ।

ପରିଭାଷା

୨ । ଏହି ଅଧିନିୟମରେ ବିଷୟ ବା ପ୍ରସଙ୍ଗରେ କିଛି ବିଷୟ ବିରୁଦ୍ଧ ନ ଥିଲେ :—

(୧) ରେଣ୍ଟ ଅର୍ଥ ମାନ୍ଦ୍ରାଜ ସମ୍ପଦା ଭୂମି ଅଧିନିୟମ, ୧୯୦୮ ଦ୍ୱାରା ପରିଭାଷିତ ହୋଇଥିବା ମତେ ଏକ ସମ୍ପଦାର ଭୂଧାରକଙ୍କ ପ୍ରଦେୟ, ମାନ୍ଦ୍ରାଜ ସମ୍ପଦା ଭୂମି ଅଧିନିୟମ, ୧୯୦୮ ଦ୍ୱାରା ପରିଭାଷିତ ହୋଇଥିବାମତେ ରେଣ୍ଟ ବା ପ୍ରମୁକ୍ତ ରେଣ୍ଟ (Quit-rent), ଜୋଡ଼ି, କଟୁବଡ଼ି, ପୋରୁପୁ ବା ତଦନୁରୂପ, ଯଦ୍ୟପି ସେଥିନିମନ୍ତେ ଏକ ସିଭିଲ ବା ରାଜସ୍ୱ ନ୍ୟାୟାଳୟର ଡିଗ୍ରି ବା ଆଦେଶ ମିଳି ଥାଉ ବା ମିଳି ନ ଥାଉ ଏବଂ ତାହା ଉପରେ ପ୍ରଦେୟ ସୁଧକୁ ଅନ୍ତର୍ଗତ କରେ ମାତ୍ର ଏକ ସିଭିଲ ବା ରାଜସ୍ୱ ନ୍ୟାୟାଳୟ ଜରିଆରେ ତାହାର ଅସୁଲ ନିମିତ୍ତ କରାଯାଇଥିବା ଖର୍ଚ୍ଚ ବା ମାନ୍ଦ୍ରାଜ ସ୍ଥାନୀୟ ବୋର୍ଡ ଅଧିନିୟମ, ୧୯୨୦ର ଧାରା ୮୮ ଅଧୀନରେ ଭୂଧାରକଙ୍କ ଦ୍ୱାରା ଅସୁଲ ଯୋଗ୍ୟ ଭୂମି ସେସର ଅଂଶ ଅନ୍ତର୍ଗତ କରେନାହିଁ ।

୧୯୦୮ ର ମାନ୍ଦ୍ରାଜ ଅଧିନିୟମ ୧ ।

୧୯୨୦ ର ମାନ୍ଦ୍ରାଜ ଅଧିନିୟମ ୧୪ ।

(୨) 'କ୍ଷୁଦ୍ର ଧାରକ' ଅର୍ଥ ଜଣେ ବ୍ୟକ୍ତି ଯେକି ଅନଧିକ ଛଅ ଏକର ଆର୍ଦ୍ର-ଭୂମି ବା ବାର ଏକର ଅନ୍ୟ ଭୂମି ଧାରଣ କରନ୍ତି ।

ସ୍ପଷ୍ଟୀକରଣ (୧)—ଅଭିବ୍ୟକ୍ତି 'ବ୍ୟକ୍ତି' ଏକ ଅବିଭକ୍ତ ହିନ୍ଦୁ ପରିବାରକୁ ଅନ୍ତର୍ଗତ କରେ ।

ସ୍ପଷ୍ଟୀକରଣ (୨)—ଏହି ଖଣ୍ଡର ଉଦ୍ଦେଶ୍ୟ ନିମିତ୍ତ, ଯେଉଁ ବ୍ୟକ୍ତି ଆର୍ଦ୍ରଭୂମି ତଥା ଅନ୍ୟ ଭୂମି ଧାରଣ କରନ୍ତି, ସେହି ବ୍ୟକ୍ତିଙ୍କ କ୍ଷେତ୍ରରେ ଏକ ଏକର ଆର୍ଦ୍ରଭୂମି ଦୁଇ ଏକର ଅନ୍ୟଭୂମି ସଙ୍ଗେ ସମାନ ଏବଂ ଏହାର ଓଲଟା ବୋଲି ବିବେଚିତ ହେବ ।

ଭୂଧାରକ ଇତ୍ୟାଦିଙ୍କୁ ଶୋଧ ବକେୟା ରେଣ୍ଟରୁ ସମ୍ପତ୍ତି ଉନ୍ମୋଚନ

୧୯୦୮ର ମାନ୍ଦ୍ରାଜ ଅଧିନିୟମ ୧।

୩। (୧) ମାନ୍ଦ୍ରାଜ ସମ୍ପଦା ଭୂମି ଅଧିନିୟମ, ୧୯୦୮ ଅଧୀନରେ ଜଣେ କ୍ଷୁଦ୍ର ଧାରକଙ୍କ ଦ୍ୱାରା ଭୂ-ଧାରକଙ୍କୁ ବା ଉପଭୂସ୍ୱତ୍ୱ ଧାରକଙ୍କୁ ପ୍ରଦେୟ ସମସ୍ତ ରେଣ୍ଟ ଯାହା ୧୩୫୪ର ଫସଲି ବର୍ଷ ଓ ପୂର୍ବ ଫସଲି ବର୍ଷ ନିମିତ୍ତ ପ୍ରୋଦ୍‌ଭୂତ ହୋଇଅଛି ଏବଂ ଯାହା ଏହି ଅଧିନିୟମର ପ୍ରାରମ୍ଭ ତାରିଖରେ ବାକି ଅଛି, ରେଣ୍ଟ ସେହିରୂପେ ଶୋଧ୍ୟ ହୋଇଥାଉ ବା ସେଥିନିମିତ୍ତ ଡିକ୍ରି ମିଳିଥାଉ, ତାହା ଉନ୍ମୋଚିତ ହୋଇଅଛି ବୋଲି ବିବେଚିତ ହେବ:

ପରନ୍ତୁ ଯେଉଁଠାରେ ରେଣ୍ଟ ପ୍ରଦାନ କରିବାକୁ ଦାୟୀଥିବା କ୍ଷୁଦ୍ର ଧାରକ କୌଣସି ଜୋତ ସମ୍ପର୍କରେ ୧୩୫୫ ଓ ୧୩୫୬ ଫସଲି ନିମିତ୍ତ ପ୍ରୋଦ୍‌ଭୂତ ସମସ୍ତ ବକେୟା ରେଣ୍ଟ ୩୧ ଜାନୁଆରି ୧୯୪୯ରେ ବା ତାହା ପୂର୍ବରୁ ପ୍ରଦାନ ନକରନ୍ତି, ସେଠାରେ ଏହି ଅଧିନିୟମର ପ୍ରାରମ୍ଭ ତାରିଖରେ ସେହି ଜୋତ ସମ୍ପର୍କରେ ୧୩୫୪ ଫସଲି ଓ ପୂର୍ବ ଫସଲି ନିମିତ୍ତ ବାକି ଥିବା ସମସ୍ତ ବକେୟା ରେଣ୍ଟ ୧୩୫୫ ଓ ୧୩୫୬ ଫସଲି ନିମିତ୍ତ କ୍ଷୁଦ୍ର ଧାରକଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଶୋଧ୍ୟ ରେଣ୍ଟ ଓ ସେହି ଦୁଇ ଫସଲି ନିମିତ୍ତ ଶୋଧ୍ୟ ରେଣ୍ଟ ମଧ୍ୟରେ ଯେଉଁ ଅନୁପାତ ରହିଛି, ସେହି ଅନୁପାତରେ ଉନ୍ମୋଚିତ ହୋଇଛି ବୋଲି ବିବେଚିତ ହେବ:

ପୁନଶ୍ଚ କୌଣସି କ୍ଷୁଦ୍ର ଧାରକ ସେହି ଜୋତ ସମ୍ପର୍କରେ ୧୩୫୬ ଫସଲି ନିମିତ୍ତ ଶୋଧ ରେଣ୍ଟ ୩୧ ଜାନୁଆରି ୧୯୪୮ରେ ବା ତାହା ପୂର୍ବରୁ ପ୍ରଦାନ ନକରିଥିଲେ ଏହି ଧାରାର ଫାଇଦା ପ୍ରତି ହକଦାର ହେବେ ନାହିଁ।

ଦୃଷ୍ଟାନ୍ତ—(କ) ଜଣେ କ୍ଷୁଦ୍ର ଧାରକ ଏହି ଅଧିନିୟମରେ ପ୍ରାରମ୍ଭରେ ଏକ ବିଶିଷ୍ଟ ଜୋତ ନିମିତ୍ତ ୧୩୫୪ ଫସଲି ଓ ପୂର୍ବ ଫସଲିର ରେଣ୍ଟ ସମ୍ପର୍କରେ ଟ ୫୦୦ ଧନ ରାଶିର ବକେୟାରେ ଅଛନ୍ତି ଏବଂ ସେହି ତାରିଖରେ ସେହି ଜୋତ ନିମିତ୍ତ ୧୩୫୫ ଓ ୧୩୫୬ ଫସଲିର ରେଣ୍ଟ ସମ୍ପର୍କରେ ବକେୟାରେ ଅଛନ୍ତି। ପ୍ରତ୍ୟେକ ଫସଲି ନିମିତ୍ତ ରେଣ୍ଟ ଟ ୧୦୦। ୩୧ ଜାନୁଆରି ୧୯୪୮ ମଧ୍ୟରେ ସେ ୧୩୫୬ ଫସଲି ନିମିତ୍ତ ରେଣ୍ଟ ପ୍ରଦାନ କରନ୍ତି ଏବଂ ୩୧ ଜାନୁଆରି ୧୯୪୯ ମଧ୍ୟରେ ସେ ୧୩୫୫ ଫସଲି ନିମିତ୍ତ ରେଣ୍ଟ ପ୍ରଦାନ କରନ୍ତି। ଏହି ଅଧିନିୟମର ପ୍ରାରମ୍ଭରେ ବାକିଥିବା ଟ ୫୦୦ ବକେୟା ରେଣ୍ଟ ଉନ୍ମୋଚିତ ହେବ।

(ଖ) ଏହି ଅଧିନିୟମର ପ୍ରାରମ୍ଭରେ ଏକ ବିଶିଷ୍ଟ ଜୋତ ସମ୍ପର୍କରେ ୧୩୫୪ ଫସଲି ଓ ପୂର୍ବ ଫସଲି ନିମିତ୍ତ ରେଣ୍ଟ ରୂପେ ଟ ୫୦୦ ଧନରାଶି ବକେୟା ଅଛି ଏବଂ ସେହି ଜୋତ ସମ୍ପର୍କରେ ୧୩୫୫ ଓ ୧୩୫୬ ଫସଲି ନିମିତ୍ତ ରେଣ୍ଟ ବକେୟା ଅଛି। ପ୍ରତ୍ୟେକ ଫସଲି ନିମିତ୍ତ ରେଣ୍ଟ ଟ ୧୦୦। କ୍ଷୁଦ୍ର ଧାରକ ଭୂଧାରକଙ୍କୁ ୩୧ ଜାନୁଆରି ୧୯୪୮ ମଧ୍ୟରେ ୧୩୫୬ ଫସଲି ନିମିତ୍ତ ରେଣ୍ଟ ପ୍ରଦାନ କରନ୍ତି ମାତ୍ର ୩୧ ଜାନୁଆରି ୧୯୪୯ ମଧ୍ୟରେ ୧୩୫୫ ଫସଲିର ରେଣ୍ଟର କୌଣସି ଭାଗ ପ୍ରଦାନ କରନ୍ତି ନାହିଁ। କେବଳ ଟ ୨୫୦ ବା ୧୩୫୪ ଫସଲି ସମେତ ତତ୍ ପୂର୍ବ ଫସଲିର ରେଣ୍ଟର ଅର୍ଦ୍ଧେକ ଉନ୍ମୋଚିତ ହୋଇଅଛି ବୋଲି ବିବେଚିତ ହେବ।

(ଗ) ସେହି କ୍ଷେତ୍ରରେ କ୍ଷୁଦ୍ର ଧାରକ ଭୂଧାରକଙ୍କୁ ୩୧ ଜାନୁଆରି ୧୯୪୮ ମଧ୍ୟରେ ୧୩୫୬ ଫସଲର ସମ୍ପୂର୍ଣ୍ଣ ରେଣ୍ଟ ପ୍ରଦାନ କରନ୍ତି ନାହିଁ । ୧୩୫୪ ଫସଲି ଓ ପୂର୍ବ ଫସଲର ନିମିତ୍ତ ବକେୟାର କୌଣସି ଭାଗ ଉଚ୍ଛେଦିତ ହେବନାହିଁ ଏବଂ କ୍ଷୁଦ୍ର ଧାରକ ଏହି ଧରଣର ଫାଇଦା ହରାଇଲେ ।

(ଘ) ସେହି କ୍ଷେତ୍ରରେ, କ୍ଷୁଦ୍ର ଧାରକ ଭୂଧାରକଙ୍କୁ ୩୧ ଜାନୁଆରି ୧୯୪୮ ମଧ୍ୟରେ ୧୩୫୬ ଫସଲି ନିମିତ୍ତ ରେଣ୍ଟ ପ୍ରଦାନ କରନ୍ତି ମାତ୍ର ୩୧ ଜାନୁଆରି ୧୯୪୯ ମଧ୍ୟରେ କେବଳ ଟ ୫୦ ପ୍ରଦାନ କରନ୍ତି ଯାହାକି ୧୩୫୫ ଫସଲି ରେଣ୍ଟର ଅର୍ଦ୍ଧେକ । ଏହାପରେ ସେ ୩୧ ଜାନୁଆରି ୧୯୧୯ ପୂର୍ବରେ ଉଭୟ ୧୩୫୫ ଓ ୧୩୫୬ ଫସଲି ନିମିତ୍ତ ରେଣ୍ଟ ଟ ୨୦୦ ରୁ ଟ୧୫୦ ପ୍ରଦାନ କରିଛନ୍ତି । ଟ ୭୫ ଧନରାଶି ବା ୧୩୫୪ ଫସଲି ସମେତ ପୂର୍ବ ଫସଲର ରେଣ୍ଟର ତିନି ଚତୁର୍ଥାଂଶ ଉଚ୍ଛେଦିତ ଅନୁଜ୍ଞାତ ହେବ ।

(୨) ଉପଧାରା (୧) ରେ ଅନ୍ତର୍ବିଷ୍ଟ କିଛି ବିଷୟ ୧୩୫୪ ଫସଲି ନିମିତ୍ତ ପ୍ରୋଦ୍‌ଭୂତ ହୋଇଥିବା ଶୋଧ୍ୟ ବକେୟା ରେଣ୍ଟ ଉଚ୍ଛେଦନ ପ୍ରବୃତ୍ତ କରିବ ବୋଲି ବିବେଚିତ ହେବନାହିଁ ଯଦି ସେପରି ବକେୟାର ଅସୁଲ ନିମିତ୍ତ କାର୍ଯ୍ୟବାହୀ ବିଧାନ ମଣ୍ଡଳରେ ଏକ ଅଧିନିୟମ ଦ୍ୱାରା ବା ନ୍ୟାୟାଳୟର ଏକ ଆଦେଶ ଦ୍ୱାରା ସ୍ଥଗିତ ରହିଥାଏ କିମ୍ବା ଯଦି ସେପରି କାର୍ଯ୍ୟବାହୀ ସଂସ୍ଥିତ ହୋଇଥିଲେ, ସ୍ଥଗିତ ରହିଥାନ୍ତା । ମାତ୍ର ୧୩୫୪ ଫସଲି ନିମିତ୍ତ ବକେୟା ରେଣ୍ଟ ୩୧ ଜାନୁୟାରୀ, ୧୯୪୮ ପର୍ଯ୍ୟନ୍ତ ଅସୁଲ ଯୋଗ୍ୟ ହେବ ନାହିଁ କିମ୍ବା ଯଦି ୧୩୫୬ ଫସଲି ନିମିତ୍ତ ରେଣ୍ଟ ସେହି ତାରିଖ ପୂର୍ବରୁ ଦିଆଯାଇ ଥାଏ, ୩୧ ଜାନୁୟାରୀ ୧୯୪୯ ପର୍ଯ୍ୟନ୍ତ ଅସୁଲ ଯୋଗ୍ୟ ହେବନାହିଁ ।

(୩) କୌଣସି କରାରରେ କିମ୍ବା ମାନ୍ଦ୍ରାଜ ସମ୍ପଦା ଭୂମି ଅଧିନିୟମ, ୧୯୦୮ର ଧାରା ୬୪ରେ କିଛି ବିଷୟ ପ୍ରତିକୂଳ ଥିବା ସତ୍ତ୍ୱେ, ଏହି ଅଧିନିୟମର ପ୍ରାରମ୍ଭ ପରେ ଜଣେ କ୍ଷୁଦ୍ର ଧାରକଙ୍କ ଦ୍ୱାରା କୌଣସି ରେଣ୍ଟର ପ୍ରଦାନ ପ୍ରଥମେ ୧୩୫୬ ଫସଲି ନିମିତ୍ତ ଏବଂ ତତ୍ପରେ ୧୩୫୫ ଫସଲି ନିମିତ୍ତ ତାଙ୍କ ଦ୍ୱାରା ଶୋଧ୍ୟ ରେଣ୍ଟ ବାବଦ ଜମା ଦିଆଯିବ, ଏବଂ କୌଣସି ପୂର୍ବ ଫସଲି ନିମିତ୍ତ ଶୋଧ୍ୟ ରେଣ୍ଟ ବାବଦ ଜମା ଦିଆଯିବ ନାହିଁ । ୧୯୦୮ର ମାନ୍ଦ୍ରାଜ ଅଧିନିୟମ ୮ ।

(୪) ୧୩୫୬ ବା ୧୩୫୫ ବା ଉଭୟ ଫସଲି ନିମିତ୍ତ ତାଙ୍କ ଦ୍ୱାରା ଶୋଧ୍ୟ ବା ଶୋଧ୍ୟ ବୋଲି ଦାବୀ କରାଯାଉ ଥିବା ରେଣ୍ଟ ବାବଦ କୌଣସି ପରିମାଣ ନ୍ୟାୟାଳୟକୁ ପ୍ରଦାନ କରିବାକୁ ପ୍ରତ୍ୟେକ କ୍ଷୁଦ୍ର ଭୂଧାରକଙ୍କର ସ୍ୱାଧୀନତା ରହିବ ଏବଂ ତତ୍ପରେ ନ୍ୟାୟାଳୟ, ଯଥାସ୍ଥିତି, ଭୂଧାରକ ବା ଉପଭୂସ୍ୱତ୍ୱ ଧାରକଙ୍କୁ ସୂଚନା ଦେବାପରେ ଏହି ଅଧିନିୟମର ଉପବନ୍ଧଗୁଡ଼ିକ ପ୍ରୟୋଗ କରିବେ ଏବଂ କ୍ଷୁଦ୍ର ଧାରକଙ୍କ ଦ୍ୱାରା ପୂର୍ବୋକ୍ତ ଫସଲିଗୁଡ଼ିକ ନିମିତ୍ତ ରେଣ୍ଟର ସମ୍ପୂର୍ଣ୍ଣ ବା କେବଳ ଏକ ଭାଗ ଦିଆଯାଇଅଛି କି ନାହିଁ ତାହା ଆଉ ମଧ୍ୟ ଏହି ଅଧିନିୟମର ଉପବନ୍ଧଗୁଡ଼ିକ ଅଧୀନରେ ରେଣ୍ଟ ନିମିତ୍ତ କ୍ଷୁଦ୍ର ଧାରକଙ୍କ ଅବଶିଷ୍ଟ ଦାୟିତ୍ୱ, ଯଦିଥାଏ ତାହାର ବିସ୍ତାର ଅବଧାରଣ କରିବେ ।

ସ୍ପଷ୍ଟୀକରଣ—ଏହି ଉପଧାରାର ଉଦ୍ଦେଶ୍ୟ ନିମିତ୍ତ "ନ୍ୟାୟାଳୟ" ଅର୍ଥ ମାନ୍ଦ୍ରାଜ ସମ୍ପଦା ଭୂମି ଅଧିନିୟମ, ୧୯୦୮ର ଧାରା ୨୦୨ର ଉପଧାରା (୧) ରେ ନିର୍ଦ୍ଦେଶିତ କଲେକ୍ଟର ହେବ । ୧୯୦୮ର ମାନ୍ଦ୍ରାଜ ଅଧିନିୟମ ୧ ।

ଭୂ-ଧାରକ ଭୂମି ସେସ୍ ଓ ଖର୍ଚ୍ଚ ଅସୁଲ କରିବାକୁ ହକ୍‌ଦାର ହେବେ ।

୪ । ଏହି ଅଧିନିୟମରେ କିଛି ବିଷୟ ଅନ୍ତର୍ଭିକ୍ତ ଥିବା ସତ୍ତ୍ୱେ, ମାନ୍ଦ୍ରାଜ ସମ୍ପଦା ଭୂମି ଅଧିନିୟମ, ୧୯୦୮ ଅଧୀନରେ ଜଣେ ଭୂଧାରକ ବା ଉପଭୂସ୍ୱତ୍ୱ-ଧାରକ ଧାରା ୩ ଅଧୀନରେ ତାଙ୍କଦ୍ୱାରା ଅସୁଲ ଯୋଗ୍ୟ କୌଣସି ଧନରାଶିର ଅଧିକରେ—

୧୯୨୦ ମାନ୍ଦ୍ରାଜ ଅଧିନିୟମ ୧୪

(କ) ତାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଏବଂ ମାନ୍ଦ୍ରାଜ ସ୍ଥାନୀୟ ବୋର୍ଡ ଅଧିନିୟମ, ୧୯୨୦ର ଧାରା ୮୮ ଅଧୀନରେ ଅସୁଲ ଯୋଗ୍ୟ ଭୂମି ସେସ୍ ଯଦି ଥାଏ;

(ଖ) ତାଙ୍କ ଦ୍ୱାରା ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଥିବା ଭୂରାଜସ୍ୱ ଓ ଜଳ ସେସ୍, ଯଦି ଥାଏ, ଯାହାକି ସେହି ଭୂଧାରକ ଉକ୍ତଧାରଣ ପରିଚାଳନା କରୁଥିବା କୌଣସି ବିଧି, ରୀତି, ସଂବିଦା ବା ନ୍ୟାୟାଳୟର ଡିକ୍ରିର ଆଧାର ବଳରେ ପ୍ରଦାନ କରିବାକୁ ବାଧ୍ୟଥିଲେ ତାହା ; ଏବଂ

(ଗ) ତାଙ୍କ ଦ୍ୱାରା ଅପ୍ରାପ୍ତ ରେଣ୍ଟ ନିମିତ୍ତ କୌଣସି ଡିକ୍ରିରେ ତାଙ୍କୁ ଅଧିନିର୍ଣ୍ଣିତ ଖର୍ଚ୍ଚ,

ଅସୁଲ କରିବାକୁ ହକଦାର ହେବେ ।

କେତେକ କ୍ଷେତ୍ରରେ ରେଣ୍ଟ ନିମିତ୍ତ ବାଦ ଇତ୍ୟାଦି ନିମିତ୍ତ ପରିସୀମାର ବିସ୍ତାରଣ ।

୫ । ମାନ୍ଦ୍ରାଜ ସମ୍ପଦା ଭୂମି ଅଧିନିୟମ, ୧୯୦୮ କିମ୍ବା ଆପାତତଃ ପ୍ରବୃତ୍ତ ଥିବା କୌଣସି ପରିସୀମା ବିଧି ବା ପ୍ରକ୍ରିୟାରେ କିଛି ବିଷୟ ଅନ୍ତର୍ଭିକ୍ତଥିବା ସତ୍ତ୍ୱେ ୧୩୫୪ ଫସଲ ବା କୌଣସି ପୂର୍ବ ଫସଲ ନିମିତ୍ତ ପ୍ରୋଦ୍‌ଭୂତ ବକେୟା ରେଣ୍ଟ ସମ୍ପର୍କରେ କୌଣସି ବାଦ ବା ନିଷ୍ପାଦନ କାର୍ଯ୍ୟବାହୀ ଯାହା, ବର୍ତ୍ତମାନ ବିଧି ଅଧୀନରେ ୧ ଫେବୃଆରୀ ୧୯୪୭ ଓ ୩୧ ଜାନୁଆରୀ ୧୯୪୮ ମଧ୍ୟରେ ତମାଦି ହୋଇଥାନ୍ତା, ତାହା ସେପରି ତମାଦି ହେବ ଏବଂ ପ୍ରଥମୋକ୍ତ ଭୂଧାରକ ଓ ଉପଭୂସ୍ୱତ୍ୱଧାରକ ୩୦ ଏପ୍ରିଲ ୧୯୪୮ରେ ବା ତାହା ପୂର୍ବରୁ ତାହାର ଅସୁଲ ନିମିତ୍ତ ବାଦ ଫାଇଲ କରିବାକୁ ବା ନିଷ୍ପାଦନ କାର୍ଯ୍ୟବାହୀ ସଂସ୍ଥିତ କରିବାକୁ ହକ୍‌ଦାର ହେବେ; ଏବଂ ଯେଉଁ କ୍ଷେତ୍ରରେ ୧୩୫୬ ଫସଲ ନିମିତ୍ତ ଶୋଧ ରେଣ୍ଟ ୩୧ ଜାନୁଆରୀ ୧୯୪୮ ପୂର୍ବରୁ ଦିଆଯାଇଅଛି । ସେହି କ୍ଷେତ୍ରରେ କୌଣସି ବକେୟା ରେଣ୍ଟ ଅସୁଲ ନିମିତ୍ତ କୌଣସି ବାଦ ବା ନିଷ୍ପାଦନ କାର୍ଯ୍ୟବାହୀର ପରିସୀମାର କାଳାବଧି ଯାହା ବର୍ତ୍ତମାନ ବିଧି ଅଧୀନରେ ୧ ଫେବୃଆରୀ ୧୯୪୭ ଓ ୩୧ ଜାନୁଆରୀ ୧୯୪୯ ମଧ୍ୟରେ ତମାଦି ହୋଇଥାନ୍ତା ତାହା ୩୦ ଏପ୍ରିଲ ୧୯୪୯ ପର୍ଯ୍ୟନ୍ତ ବିସ୍ତାରିତ ହୋଇରହିବ:

ପରନ୍ତୁ, ଯେଉଁଠାରେ, ଯଥାସ୍ଥିତି, ୩୦ ଏପ୍ରିଲ ୧୯୪୮ରେ ବା ୩୦ ଏପ୍ରିଲ ୧୯୪୯ରେ କୌଣସି ନ୍ୟାୟାଳୟରେ ଧାରା ୩ର ଉପଧାରା (୪) ଅଧୀନରେ ଏକ ଆବେଦନ ଲମ୍ବିତ ଅଛି, ସେଠାରେ ଏହି ଧାରା ଅଧୀନରେ ବିହିତ

ପରସୀମାର କାଳାବଧି ସେହି ଅବେଦନ ଉପରେ ଦିଆଯିବା ଆଦେଶର ତାରିଖଠାରୁ ଦୁଇମାସ କାଳାବଧି ଅବସିତ ହେବା ପର୍ଯ୍ୟନ୍ତ ବିସ୍ତାରିତ ହୋଇ ରହିବ ।

କେତେକ କ୍ଷେତ୍ରରେ ନ୍ୟାୟାଳୟର ବିନିଶ୍ଚୟ ଚୂଡ଼ାନ୍ତ ହେବ ।

୭ । ଯଦି ଏହି ଅଧିନିୟମ ଅଧୀନରେ ଜଣେ ବ୍ୟକ୍ତି କ୍ଷୁଦ୍ରଧାରକ ଅଟନ୍ତି କି ନୁହଁନ୍ତି ବୋଲି ପ୍ରଶ୍ନ ଉଦ୍‌ଭୂତ ହୁଏ, ତାହାହେଲେ ସେପରି ପ୍ରଶ୍ନ ୩ ରୁ ୫ ପର୍ଯ୍ୟନ୍ତ ଧାରାଗୁଡ଼ିକ ଅଧୀନ କାର୍ଯ୍ୟବାହୀରେ ନ୍ୟାୟାଳୟ ଦ୍ୱାରା ବିନିଶ୍ଚୟ କରାଯିବ ଏବଂ ନ୍ୟାୟାଳୟର ବିନିଶ୍ଚୟ, ଆପାତତଃ ପ୍ରବୃତ୍ତଥିବା କୌଣସି ବିଧିରେ କିଛି ବିପରୀତ ବିଷୟ ଅନ୍ତର୍ବିଷ୍ଟଥିବା ସତ୍ତ୍ୱେ, ଚୂଡ଼ାନ୍ତ ହେବ ।

OGP—MP-VIII (Law) 116—1,000—4-8-1969

Printed at the Orissa Government Press, Madhupatna, Cuttack-3